ପଞ୍ଜାବ ରାଜ୍ୟ

ବନାମ

ଦେସ୍ ରାଜ

18 ଏପ୍ରିଲ, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ସଂଶୋଧନ ଅଧିନିୟମ 68, 1984 -ଧାରା 23(2), 28 ଏବଂ 23(1-A) -1984ର ସଂଶୋଧନ ଅଧିନିୟମ 68 ପୂର୍ବରୁ 1982 ମାର୍ଚ୍ଚ 19ରେ କ୍ଷତିପୂରଣ ନିର୍ଦ୍ଧାରଣ କରୁଥିବା ସନ୍ଦର୍ଭ ନ୍ୟାୟାଳୟ -ତେଣୁ, ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ବର୍ଦ୍ଧିତ କ୍ଷତିପୂରଣ, ସୁଧ ଏବଂ ଅତିରିକ୍ତ ରାଶି ପାଇବାକୁ ଦାବିଦାରମାନେ ହକ୍‌ଦାର ନୁହଁନ୍ତି -ଉଚ୍ଚ ନ୍ୟାୟାଳୟର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା କ୍ଷତିପୂରଣ ନିର୍ଦ୍ଧାରଣ -ଦୁଇଜଣିଆ ଖଣ୍ଡପୀଠଙ୍କ ଆଗରେ ଅପିଲ ବିଚାରାଧୀନ -ତେଣୁ, ବିଷୟଟି ଉନ୍ମୁକ୍ତ ରହିଛି ଏବଂ ଦୁଇଜଣିଆ ଖଣ୍ଡପୀଠ ଆଇନ ଅନୁଯାୟୀ ଏହି ବିଷୟରେ ନିଷ୍ପତ୍ତି ନେବାକୁ ସ୍ୱାଧୀନ ହେବେ ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 7673/1996 ।

ଆର୍.ଏଫ୍.ଏ. ସଂଖ୍ୟା 912/1982ରେ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 2.12.88 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ସଞ୍ଜୀବ ସେନ ଏବଂ ମନୋଜ ସ୍ୱରୂପ ।

ଉତ୍ତରଦାତାଙ୍କ ପାଇଁ ଓକିଲ ଟି.ଏନ୍. ଆରୋରା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଗଲା ।ଅନୁମତି ପ୍ରଦାନ କରାଗଲା ।

ଜଲାଲାବାଦରେ ନୂତନ ମଣ୍ଡି ନିର୍ମାଣ ନିମନ୍ତେ 55 ଏକର 5 କାନାଲ୍ 1 ମରଲା ଜମି ଅଧିଗ୍ରହଣ କରି ଜମି ଅଧିଗ୍ରହଣ ଅଧିନିୟମ, 1894 (ସଂକ୍ଷେପରେ 'ଅଧିନିୟମ')ର ଧାରା 4(1) ଅନୁଯାୟୀ ବିଜ୍ଞପ୍ତି 11 ମାର୍ଚ୍ଚ 1978 ପ୍ରକାଶିତ ହୋଇଥିଲା । 13 ମାର୍ଚ୍ଚ, 1978ରେ ଜିଲ୍ଲାପାଳ ତାଙ୍କ ଅଧିନିର୍ଣ୍ଣୟରେ ଏକର ପିଛା 4500 ଟଙ୍କା ହିସାବରେ କ୍ଷତିପୂରଣ ନିର୍ଦ୍ଧାରଣ କରିଥିଲେ । ବିଚାରାର୍ଥେ ପ୍ରେରଣରେ, ଅତିରିକ୍ତ ଜିଲ୍ଲା ବିଚାରପତି ତାଙ୍କ 19 ମାର୍ଚ୍ଚ, 1982 ତାରିଖର ଅଧିନିର୍ଣ୍ଣୟ ଏବଂ ବିଚାରାଦେଶରେ ନିର୍ଦ୍ଦିଷ୍ଟ ଅଞ୍ଚଳ ଆଧାରରେ କ୍ଷତିପୂରଣକୁ ଏକର ପିଛା 25,000 ଟଙ୍କା ଏବଂ ଏକର ପିଛା 20,000 ଟଙ୍କାକୁ ବୃଦ୍ଧି କରିଥିଲେ । ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତି ତାଙ୍କ 2

ଡିସେମ୍ବର, 1988 ତାରିଖର ରାୟ ଏବଂ ବିଚାରାଦେଶ ଦ୍ୱାରା ନିର୍ଦ୍ଦିଷ୍ଟ ଅଞ୍ଚଳ ଆଧାରରେ କ୍ଷତିପୂରଣକୁ ଆହୁରି ବୃଦ୍ଧି କରି ଏକର ପିଛା 43,000 ଟଙ୍କା ଏବଂ 34,000 ଟଙ୍କା କରିଥିଲେ, କିନ୍ତୁ 1984ର ସଂଶୋଧନ ଅଧିନିୟମ 68ର ବ୍ୟବସ୍ଥା ଲାଗୁ କରିଥିଲେ । ଏହି ଅପିଲରେ, ଆମେ କେବଳ 1984ର ଅଧିନିୟମ 68 ଦ୍ୱାରା ସଂଶୋଧିତ ଅଧିନିୟମର ଧାରା  23(2), 28 ଏବଂ 23(1-A) ର ପ୍ରଯୁଜ୍ୟତା ସହିତ ଜଡ଼ିତ । ଯେହେତୁ ସନ୍ଦର୍ଭ ନ୍ୟାୟାଳୟ 19 ମାର୍ଚ୍ଚ, 1982 ରେ କ୍ଷତିପୂରଣ ଧାର୍ଯ୍ୟ କରିଥିଲେ, ଅର୍ଥାତ୍ ସଂଶୋଧନ ଅଧିନିୟମ ପ୍ରଚଳନ ପୂର୍ବରୁ, ତେଣୁ ଦାବିଦାରମାନେ ଅଧିନିୟମର ଧାରା 23(2), 28 ଏବଂ 23(1-A) ଅନୁଯାୟୀ ବର୍ଦ୍ଧିତ କ୍ଷତିପୂରଣ ଏବଂ ସୁଧ ଏବଂ ଅତିରିକ୍ତ ରାଶି ମଧ୍ୟ ପାଇବା ପାଇଁ ହକଦାର ନୁହଁନ୍ତି ।

ଏହା ଆମ ନଜରକୁ ଅଣାଯାଇଛି ଯେ ଏକର ପିଛା 43,000 ଟଙ୍କା ବୃଦ୍ଧି ପାଇଥିବା କ୍ଷତିପୂରଣରେ ଅସନ୍ତୁଷ୍ଟ ହୋଇ ଦାବିଦାର ଲେଟର୍ସ ପେଟେଣ୍ଟ ଅପିଲ୍ ଦାଖଲ କରିଛନ୍ତି ଏବଂ ତାହା ବିଚାରାଧୀନ ଅଛି । ଯଦି ଏହା ସତ୍ୟ, ତେବେ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଏକର ପ୍ରତି 43,000 ଟଙ୍କା ହିସାବରେ କ୍ଷତିପୂରଣ ନିର୍ଦ୍ଧାରଣ ଯଥାର୍ଥ କି ନୁହେଁ, ସେ ପ୍ରଶ୍ନକୁ ଆମେ ଯିବା ଦରକାର ନାହିଁ । ଏହି ପ୍ରସଙ୍ଗଟି ଖୋଲା ରହିଛି । ଦୁଇଜଣିଆ ଖଣ୍ଡପୀଠ ଆଇନ ଅନୁଯାୟୀ ଏହି ପ୍ରସଙ୍ଗର ନିଷ୍ପତ୍ତି ନେବାକୁ ସ୍ୱାଧୀନ ରହିବେ । କିନ୍ତୁ ସଂଶୋଧିତ ବ୍ୟବସ୍ଥାର ପ୍ରଯୁଜ୍ୟତା ସମ୍ପର୍କରେ, ଉପରୋକ୍ତ ତଥ୍ୟକୁ ଦୃଷ୍ଟିରେ ରଖି, ଅଧିନିୟମ ସଂଶୋଧିତ ବ୍ୟବସ୍ଥା ଅଧୀନରେ ଅତିରିକ୍ତ ସୁବିଧା ପ୍ରଦାନ କରିବାରେ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତି ସ୍ପଷ୍ଟ ଭାବେ ତ୍ରୁଟି କରିଥିଲେ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । 30% କ୍ଷତିପୂରଣ, ଦଖଲ ନେବାର ତାରିଖରୁ ଏକ ବର୍ଷ ପାଇଁ 9% ସୁଧ ଏବଂ ତା'ପରେ 15% ସୁଧ ଏବଂ ଧାରା 23(1-A) ଅନୁଯାୟୀ ବାର୍ଷିକ 12% ଅତିରିକ୍ତ ରାଶି ପ୍ରଦାନ କରିବାକୁ ଦିଆଯାଇଥିବା ଆଦେଶକୁ ବାତିଲ କରାଯାଇଛି । ଏହା ବଦଳରେ, ଦାବିଦାର ଦଖଲ ନେବା ତାରିଖରୁ ନ୍ୟାୟାଳୟରେ ଜମା ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କ୍ଷତିପୂରଣ ଉପରେ ଧାରା 23(2) ଅନୁଯାୟୀ 15% କ୍ଷତିପୂରଣ ଏବଂ ଧାରା 28 ଅନୁଯାୟୀ ଅସଂଶୋଧିତ ଭାବରେ 6% ସୁଧ ପାଇବାକୁ ହକଦାର । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍.                                                                                    ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।